**ସୁଚିତ୍ରା କମ୍ପୋନେଣ୍ଟ ଲିମିଟେଡ୍**

**ବନାମ**

**କେନ୍ଦ୍ରୀୟ ଉତ୍ପାଦ ଆୟୁକ୍ତ, ଗୁଣ୍ଟୁର୍**

*ଜାନୁଆରୀ 17,2007*

[ ଡକ୍ଟର ଏ. ଆର୍. ଲକ୍ଷ୍ମଣନ୍ ଏବଂ ଭି. ଏସ୍. ସିରୁପୁରକର, ନ୍ୟାୟମୂର୍ତ୍ତିବୃନ୍ଦ ]

*କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଅଧିନିୟମ, 1944:*

*ଉତ୍ପାଦ ଶୁଳ୍କ - ଯେଉଁ ତାରିଖ ଠାରୁ ଶୁଳ୍କ ପ୍ରଦାନ କରାଯିବା ଉଚିତ୍ - ନିର୍ଣ୍ଣୟ ନିଆଗଲା , ମହୀଶୂର ବୈଦ୍ୟୁତିକ ଶିଳ୍ପ ମାମଲାରେ ଦିଆଯାଇଥିବା ରାୟକୁ ଦୃଷ୍ଟିରେ ରଖି , କରଦାତାଙ୍କୁ କାରଣ ଦର୍ଶାଅ ତାରିଖ ଠାରୁ କର ଦେବାକୁ ହେବ କିନ୍ତୁ ତାଙ୍କୁ ପୂର୍ବ ତାରିଖ ଠାରୁ କର ଦେବାକୁ ହେବ ନାହିଁ ଯାହା କି ନ୍ୟାୟାଧିକରଣଙ୍କ ନିର୍ଦ୍ଦେଶ ଥିଲା ।*

କେନ୍ଦ୍ରୀୟ ଉତ୍ପାଦ ଆୟୁକ୍ତ ବାଙ୍ଗାଲୋର ବନାମ ମହୀଶୂର ବୈଦ୍ୟୁତିକ ଶିଳ୍ପ ଲିମିଟେଡ୍, ମାମଲା (2007) 204 ELT 517 ଉପରେ ନିର୍ଭର କରାଗଲା ।

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 3596/2005

ଆବେଦନ ସଂଖ୍ୟା E/3422/93-NB- ( A) ରେ ନୂଆଦିଲ୍ଲୀର ପଶ୍ଚିମ ଭାଗ ରେ ଥିବା ସୀମା ଶୁଳ୍କ, ଉତ୍ପାଦ ଏବଂ ସେବା ଟିକସ ଅପିଲୀୟ ନ୍ୟାୟାଧିକରଣଙ୍କର , ତାରିଖ 14.1.2005 ର ଚୂଡ଼ାନ୍ତ ଆଦେଶ ସଂଖ୍ୟା 204/05-NB-A ରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ ଏ. ଆର୍. ମାଧବ ରାଓ ଏବଂ ଏମ୍. ପି. ଦେବନାଥ ।

ଉତ୍ତରଦାତାଙ୍କ ତରଫରୁ ବରିଷ୍ଠ ଅଧିବକ୍ତା କେ. ରାଧାକୃଷ୍ଣ, ସୁଶ୍ରୀ ବି. ସୁନୀତା ରାଓ ଏବଂ ବି. କୃଷ୍ଣ ପ୍ରସାଦ ।

ନ୍ୟାୟାଳୟଙ୍କର ଆଦେଶ ପ୍ରଦାନ କରାଗଲା ।

ଆଦେଶ

ଆବେଦନ ସଂଖ୍ୟା E/3422/93 - NB - (A) ରେ ନୂଆଦିଲ୍ଲୀର ପଶ୍ଚିମ ଭାଗ ରେ ଥିବା ସୀମା ଶୁଳ୍କ, ଉତ୍ପାଦ ଏବଂ ସେବା ଟିକସ ଅପିଲୀୟ ନ୍ୟାୟାଧିକରଣଙ୍କର , ତାରିଖ 14.1.2005 ର ଚୂଡ଼ାନ୍ତ ଆଦେଶ ସଂଖ୍ୟା 204/05-NB-A ବିରୋଧରେ ବର୍ତ୍ତମାନର ଆବେଦନ ନିର୍ଦ୍ଦେଶିତ ହୋଇଛି ।

ଆମେ ଆବେଦନକାରୀଙ୍କ ତରଫରୁ ବିଦ୍ୱାନ ଅଧିବକ୍ତା ଶ୍ରୀଯୁକ୍ତ ଏ. ଆର୍. ମାଧବ ରାଓ ଏବଂ ଉତ୍ତରଦାତା ତରଫରୁ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀଯୁକ୍ତ କେ. ରାଧାକ୍ରିଷ୍ଣନଙ୍କ ତର୍କକୁ ଶୁଣିଛୁ ।

ନିମ୍ନ କର୍ତ୍ତୃପକ୍ଷ ଏବଂ ନ୍ୟାୟାଧିକରଣଙ୍କ ଦ୍ୱାରା ପାରିତ ଆଦେଶକୁ ଆମେ ଅନୁଧ୍ୟାନ କରିଛୁ । ବିଦ୍ୱାନ ଅଧିବକ୍ତା ଙ୍କ ଦ୍ୱାରା ଉଠାଯାଇଥିବା ପ୍ରସଙ୍ଗଟି ଏହି ନ୍ୟାୟାଳୟଙ୍କର ନିକଟ ଅତୀତରେ ଦେୱାନୀ ଆବେଦନ ସଂଖ୍ୟା 4488/2005, (2007) 204 ELT517ରେ ଉଲ୍ଲେଖ ଥିବା କେନ୍ଦ୍ରୀୟ ଉତ୍ପାଦ ଆୟୁକ୍ତ ବାଙ୍ଗାଲୋର ବନାମ ମହୀଶୂର ବୈଦ୍ୟୁତିକ ଶିଳ୍ପ ଲିମିଟେଡ୍, ମାମଲାରେ ଦିଆଯାଇଥିବା ରାୟ ଦ୍ୱାରା ଆଚ୍ଛାଦିତ ଅଟେ । ଉକ୍ତ ରାୟରେ, ଏହି ନ୍ୟାୟାଳୟ ଧରି ନେଲେ ଯେ ଏକ ଲାଭଦାୟକ ପରିପତ୍ରକୁ ପିଛିଲା ଭାବରେ ଲାଗୁ କରାଯିବ ଏବଂ ପ୍ରତିକୂଳ ପରିପତ୍ର କୁ ଭବିଷ୍ୟତରେ ଲାଗୁ କରାଯିବ । ତେଣୁ, ଯେତେବେଳେ ପରିପତ୍ର କରଦାତା ଙ୍କ ବିରୁଦ୍ଧରେ ଥାଏ, ସେତେବେଳେ ସେମାନଙ୍କ ପାଖରେ ଏହାର ଭବିଷ୍ୟତରେ କାର୍ଯ୍ୟକାରିତା ଦାବି କରିବାର ଅଧିକାର ଥାଏ ।

ଆବେଦନକାରୀଙ୍କ ତରଫରୁ ବିଦ୍ୱାନ ଅଧିବକ୍ତାଙ୍କ ଦ୍ୱାରା କରାଯାଇଥିବା ଉପସ୍ଥାପନା ଏବଂ ଦେୱାନୀ ଆବେଦନ ସଂଖ୍ୟା 4484/05 (ଉପରୋକ୍ତ) ରେ ଏହି ନ୍ୟାୟାଳୟର ରାୟକୁ ଦୃଷ୍ଟିରେ ରଖି, ଆବେଦନକାରୀଙ୍କ 29.8.1990 ରୁ ଅର୍ଥାତ୍ କାରଣ ଦର୍ଶାଅ ନୋଟିସ ଜାରି ହେବା ତାରିଖ ଠାରୁ କର ଦେବାକୁ ହେବ , କିନ୍ତୁ 1.3.1990 ରୁ କର ଦେବାକୁ ହେବ ନାହିଁ ଯାହା କି ନ୍ୟାୟାଧିକରଣଙ୍କ ନିର୍ଦ୍ଦେଶ ଥିଲା ।

ଉପରୋକ୍ତ ସର୍ତ୍ତାବଳୀ ଉପରେ ଦେୱାନୀ ଆବେଦନକୁ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ।

ଆର୍. ପି. ଆବେଦନକୁ ଅନୁମତି ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***

ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।